**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଜାତୀୟ ପ୍ରବକ୍ତା ତଥା ରାଜ୍ୟ ସଭାର ସାଂସଦ ଶ୍ରୀ ପ୍ରକାଶ ଜାଭେଦକରଙ୍କ ପ୍ରେସ ବିଜ୍ଞପ୍ତି ।**

ଉ.ପା ଶାସନର ଏକ ବିରାଟ ଅର୍ଥ ହେର ଫେର ବର୍ତ୍ତମାନ ସାମ୍ନାକୁ ଆସିଅଛି । ହାରାହାରି ୩୪ ଲକ୍ଷ ଯୋଗ୍ୟ ଚାଷୀ କୃଷି ଋଣ କାଗଜ ପତ୍ର ଦସ୍ତଖତ ହେବା ସମୟରେ ପ୍ରତ୍ୟାଖ୍ୟାତ ହୋଇଥିବା ବେଳେ ୨୪ ଲକ୍ଷ ଦକ୍ଷତା ବିହୀନ ବ୍ୟକ୍ତି ଉକ୍ତ ଦୁର୍ନୀତିରେ ଆଶାତୀତ ଲାଭବାନ ହୋଇଥିଲେ । ଯାହାକୁ ବର୍ତ୍ତମାନ ସି.ଏ.ଜି ପ୍ରକାଶ କରିଅଛି । ବି.ଜେ.ପି ଏଥିପାଇଁ ତୁରନ୍ତ ସି.ବି.ଆଇ ତଦନ୍ତ କରିବାକୁ ଦାବି କରେ ।

ସି.ଏ.ଜି ମୋଟ ୩.୫ କୋଟି ଆକାଉଣ୍ଟରୁ ମାତ୍ର ୯୦,୦୦୦ ଆକାଉଣ୍ଟ ଅଡ଼ିଟ କରିବା ବେଳେ ଋଣଦେବା ସଂସ୍ଥା ସେଥିରୁ ୧୩% ଯୋଗ୍ୟ କୃଷକ ମାନଙ୍କୁ ଋଣ ଦେବା ପାଇଁ ଅଯୋଗ୍ୟ ବିବେଚନା କରିଥିଲା ଓ ସେଥିରେ ୮.୫% ଅଯୋଗ୍ୟ ବ୍ୟକ୍ତି ଋଣ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ସେଥିରୁ କିଛି ବ୍ୟକ୍ତି ଯେକି ଚାଷୀ ହିଁ ନୁହନ୍ତି । ତେଣୁ ପୂରା ଆକାଉଣ୍ଟର ଅଡ଼ିଟ ପରେ ହୁଏତ ଯୋଗ୍ୟ ଚାଷୀଙ୍କଠାରୁ ଅଯୋଗ୍ୟ ବ୍ୟକ୍ତି ମାନଙ୍କ ସଂଖ୍ୟା ବୃଦ୍ଧି ପାଇଯିବ । ବି.ଜେ.ପି ଉକ୍ତ ଯୋଗ୍ୟ ଚାଷୀମାନଙ୍କୁ ମାର୍ଚ୍ଚ ୩୧.୨୦୧୩ ସୁଦ୍ଧା ଋଣ ଯୋଗାଇ ଦେବାପାଇଁ ଦାବି କରେ ।

ଆଜି କଂଗ୍ରେସ ସରକାର ସତେ ଯେପରି ଭ୍ରଷ୍ଟାଚାରର ଏକ ଗନ୍ତାଘର ପାଲଟି ଯାଇଛି । ସି.ଡ଼ବଲ୍ୟୁ.ଜି ହେଉ ବା କୋଇଲା ଦୁର୍ନୀତି ହେଉ ବାଟପ୍ପର ସ୍କାମ ହେଉ ବା ଆଜିର କୃଷିଋଣ ଅର୍ଥ ହେର ଫେର ଘଟଣା ହେଉ ଗୋଟିଏ ପରେ ଗୋଟିଏ କ୍ରମାନ୍ୱୟରେ ଚାଲିଅଛି ।

ଉକ୍ତ ଋଣ ଯୋଜନା ବହୁ କ୍ଷୁଦ୍ର ତଥା ମଧ୍ୟମ ଧରଣର ଚାଷୀ ମାନଙ୍କୁ ଯେ କି ଋଣ ନେଇ କୃଷି କରନ୍ତି ସେମାନଙ୍କୁ କୌଣସି ସହାୟତା କରିନାହିଁ କହିଲେ ଭୂଲ ହେବ ନାହିଁ । ସେଥିରୁ କିଛି ଚାଷୀ ଋଣ ପରିଶୋଧ କରିବା ପାଇଁ ବହୁ ଅସୁବିଧାର ସାମ୍ନା କରୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟକର ଘଟଣା ହେଲା କିଛି ଛୋଟ ଛୋଟ ଆର୍ଥିକ ସଂସ୍ଥା ଯଦିଓ ଯୋଗ୍ୟ ନୁହେଁ ତଥାପି ଉକ୍ତ ଋଣ ଯୋଜନାରୁ

ଲାଭବାନ ହୋଇଛନ୍ତି । ସି.ଏ.ଜି ଅଡ଼ିଟ ସମୟରେ ଏପରି କିଛି କଟାକଟି ହେବା, ଲିଭା ଯିବା ଓ ବଦଳାଯିବା ଘଟଣା ମଧ୍ୟ ପରିଲକ୍ଷିତ ହୋଇଅଛି । ଯାହାକି ଠକାମି ସହ ସମାନ ଅଟେ । ତେଣୁ ତାହାକୁ ମଧ୍ୟ ଭ୍ରଷ୍ଟାଚାର ବୋଲି କୁହାଯାଇପାରେ ଯେଉଁଠି ଜନସାଧାରଣଙ୍କ ପ୍ରାପ୍ୟ ଅର୍ଥରେ ଅନ୍ୟକିଏ ଲଭାନ୍ୱିତ ହୋଇଅଛି । ସେଠାରେ ଆଉ ଗୋଟିଏ ଭୂଲ ରହିଛି ଯାହାକୁ ସି.ଏ.ଜି ପର୍ଦ୍ଦାଫାଶ କରିଅଛି । ତାହା ହେଲା ଆଉ ୬% ଚାଷୀ ମାନେ ମଧ୍ୟ ଲାଭବାନ ହୋଇ ନାହାନ୍ତି । ଋଣର କାଗଜ ପତ୍ର ଓ ସାର୍ଟିଫିକେଟ ବହୁ ଚାଷୀମାନଙ୍କୁ ଦିଆଯାଇନଥିବାରୁ ଆଗାମୀ ଋଣ ନେବାରେ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ । ବି.ଜେ.ପି ମଧ୍ୟ ଏଥିପାଇଁ ଦାୟିତ୍ୱବାନ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରେ ।

ଏପରି ଋଣ ବ୍ୟବସ୍ଥା ସତ୍ତ୍ୱେ ଦେଶର କୃଷି ଆଜି ଦୁଃସ୍ଥ ଅବସ୍ଥାରେ । ଚାଷୀମାନଙ୍କର ଆତ୍ମହତ୍ୟା ଆଜି ବୃଦ୍ଧି ପାଇବାରେ ଲାଗିଛି । ଚାଷ ପାଇଁ ଆବଶ୍ୟକୀୟ ସାମଗ୍ରୀ ଯେପରି ସାର, କୀଟ ନାଶକ, ବିହନ, ଜଳ, ଶକ୍ତି ଓ ଡ଼ିଜେଲ ଆଦିର ଦର ବୃଦ୍ଧି ଯୋଗୁଁ କୃଷିରୁ ମିଳୁଥିବା ଲାଭ ଆଜି ଲୁପ୍ତ ପ୍ରାୟ ଅବସ୍ଥାରେ । ସି.ଏ.ସି.ପି ଦ୍ୱାରା ନିରୂପିତ ହେଉଥିବା ଏମ.ଏସ.ପି ଓ ଉତ୍ପାଦନ ଖର୍ଚ୍ଚ ମଧ୍ୟର ବ୍ୟବଧାନ ହ୍ରାସ ପାଇଚାଲିଛି । ଉ.ପା ଶାସନର ଏପରି ନୀତି ହୋଇଗଲାଣି ଯେ ତାହା ଚାଷୀମାନଙ୍କର ବିରୋଧରେ ଯାଉଅଛି । ବି.ଜେ.ପି ସ୍ୱାମୀ ନାଥନ କମିଶନଙ୍କ ଫର୍ମୁଲାକୁ ଗ୍ରହଣ କରିବାକୁ ଦାବି କରେ । ଉତ୍ପାଦନର ମୂଲ୍ୟ ଓ ତାହା ସହ ୫୦% ।

**ରାମ କୃପାଳ ସିହ୍ନା**

**ସମ୍ପାଦକ, ବି.ଜେ.ପି ପାର୍ଲିଆମେଣ୍ଟାରୀ ପାର୍ଟି**